# NATIONAL NEWS BULLETIN (ODIA)
## 10 September - 2025
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ପ୍ରାୟ ୭ ହଜାର ୬ ୧୬ କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ ।
- ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡକୁ ଆସନ୍ତାକାଲି ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।

– ବାରାଣାସୀରେ ତାଙ୍କ ମରିସସ୍ ପ୍ରତିପକ୍ଷଙ୍କ ସହ କରିବେ ଦ୍ୱିପକ୍ଷିୟ ଆଲୋଚନା ।

- ମରିସସ୍ ପ୍ରଧାନମନ୍ତ୍ରୀଙ୍କ ସୂଚନା, ତାଙ୍କ ଦେଶର ସାମାଜିକ-ଅର୍ଥନୈତିକ ବିକାଶରେ ଭାରତ ଏକ ସମୟ ପରୀକ୍ଷିତ ବିଶ୍ୱସ୍ତ ଭାଗିଦାରୀ ଭାବେ ଦାୟିତ୍ୱ ନିର୍ବାହ କରିଆସିଛି ।
- ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ।

ଏବଂ

- ଏସିଆ କପ୍ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଆଜି ରାତି ୮ଟାରେ ଭେଟିବ ସଂଯୁକ୍ତ ଆରବ ଏମିରେଟସ୍‌କୁ ।

# କ୍ୟାବିନେଟ୍ ବ୍ରିଫିଙ୍ଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ପ୍ରାୟ ୭ ହଜାର ୬ ୧୬ କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଜିର କ୍ୟାବିନେଟ୍ ବୈଠକରେ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରେଳ ସେକ୍‌ସନ୍ ଅନ୍ତର୍ଗତ ୧୭୭ କିଲୋମିଟର ଦୀର୍ଘ ଭାଗଲପୁର-ଡୁମ୍‌କା-ରାମପୁରହାଟ ଏକକ ରେଳ ଲାଇନ୍‌କୁ ଦୋହରିକରଣ କରାଯିବ । ଏହାଦ୍ୱାରା ଗମନାଗମନ ସୁବିଧା ହେବା ସହିତ ଭାରତୀୟ ରେଳବାଇର ସେବା କ୍ଷମତା ବୃଦ୍ଧି ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O- 1-VAISHNAV-BHAGALPUR-DUMKA-RAMPURHAT**

ଏହି ପ୍ରକଳ୍ପ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନବଭାରତ ଗଠନ ସମ୍ପର୍କିତ ଦୂରଦୃଷ୍ଟିକୁ ସାକାର କରିବା ଲାଗି ସମ୍ପୃକ୍ତ ଅଞ୍ଚଳର ସମନ୍ୱିତ ବିକାଶ ସହିତ ଆତ୍ମନିଯୁକ୍ତିର ସୁଯୋଗ ମଧ୍ୟ ବୃଦ୍ଧି ପାଇବ ।

ଏହାଛଡ଼ା ବିହାରର ମୋକାମା-ମୁଙ୍ଗର୍ ସେକ୍‌ସନ୍ ଅନ୍ତର୍ଗତ ବକ୍ସାର୍, ଭାଗଲପୁର କରିଡ଼ରକୁ ଚାରି ଲେନ୍ କରାଯିବ । ୮୨ରୁ ଊର୍ଦ୍ଧ୍ୱ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ଲାଗି ପ୍ରାୟ ୪ ହଜାର ୪୪୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ମୁକାମା, ବାରାହିୟା, ଲଖିସାରାଇ, ଜମଲପୁର, ମୁଙ୍ଗେର୍ ଆଦି ସହରକୁ ଭାଗଲପୁର ସହିତ ସଂଯୋଗ କରାଯାଇପାରିବ । ଏହାଛଡ଼ା ଏହି ପ୍ରକଳ୍ପ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-2-VAISHNAW---MOKAMA-MUNGER**

# ପିଏମ୍-ୟୁପି/ୟୁକେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଗତକାଲି ଠାରୁ ୮

ଦିନିଆ ଭାରତ ଗସ୍ତରେ ଆସିଥିବା ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍‌ଙ୍କ ସହିତ ଶ୍ରୀ ମୋଦୀ ବାରାଣାସୀ ଠାରେ ଦ୍ୱିପକ୍ଷିୟ ଆଲୋଚନା କରିବେ । ଏହି ଆଲୋଚନା ସମୟରେ ଉଭୟ ନେତା ବିକାଶ ସହଭାଗିତା ଏବଂ କ୍ଷମତା ନିର୍ମାଣ ଉପରେ ବିଶେଷ ଧ୍ୟାନ ଦେଇ ସହଯୋଗର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଶକ୍ତି, ଭିତ୍ତିଭୂମି ସହିତ ନବୀକରଣ ଯୋଗ୍ୟ ଶକ୍ତି, ଡିଜିଟାଲ ସାଧାରଣ ଭିତ୍ତିଭୂମି ଏବଂ ନୀଳ ଅର୍ଥନୀତି ଭଳି ବିଭିନ୍ନ ସମ୍ଭାବ୍ୟ କ୍ଷେତ୍ରରେ ସହଯୋଗକୁ କିଭଳି ସମ୍ପ୍ରସାରିତ କରାଯାଇପାରିବ ସେ ଦିଗରେ ଆଲୋଚନା କରିବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଡେରାଡୁନ୍ ଗସ୍ତ କରି ଉତ୍ତରାଖଣ୍ଡର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଆକାଶମାର୍ଗରୁ ନିରିକ୍ଷଣ କରିବେ । ପରେ ପ୍ରଧାନମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ମରିସସ୍ ପିଏମ୍ ମୁମ୍ବାଇ ଭିଜିଟ୍

ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ କହିଛନ୍ତି, ତାଙ୍କ ଦେଶର ସାମାଜିକ-ଅର୍ଥନୈତିକ ବିକାଶ ସହିତ ସାମଗ୍ରୀକ ଅଗ୍ରଗତିରେ ଭାରତ ଏକ ସମୟପରୀକ୍ଷିତ ବିଶ୍ୱସ୍ତ ଭାଗିଦାରୀ ଭାବେ ରହି ଆସିଛି ।

ଆଜି ମୁମ୍ବାଇ ପରେ ଅନୁଷ୍ଠିତ ଭାରତ-ମରିସସ୍ ବ୍ୟାବସାୟିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଭାରତକୁ ମରିସସ୍‌ର ଏକ ଅଗ୍ରଣୀ ବ୍ୟାବସାୟିକ ଭାଗିଦାରୀ ତଥା ତୃତୀୟ ସର୍ବବୃହତ ରପ୍ତାନୀକାରୀ ଦେଶ ଭାବେ ଅଭିହିତ କରି ଶ୍ରୀ ରାମଗୁଲାମ କହିଛନ୍ତି, ଆପୋଷ ସମ୍ମାନ, ବନ୍ଧୁତ୍ୱ ଏବଂ ବିଶ୍ୱାସ ଉପରେ ଆଧାରିତ ଭାରତ ସହ ତାଙ୍କ ଦେଶର ସମ୍ପର୍କ ବିଶେଷ କରି ଅର୍ଥନୈତିକ କାରବାର କ୍ରମଶଃ ସୁଦୃଢ଼ ହେବାରେ ଲାଗିଛି । ବର୍ତ୍ତମାନ ମରିସସ୍ ଭାରତକୁ ପ୍ରାୟ ବାର୍ଷିକ ପ୍ରାୟ ୫ କୋଟି ଆମେରିକୀୟ ଡଲାର୍ ପରିମାଣର ରପ୍ତାନୀ କରୁଛି । ଆଗାମୀ ଦିନରେ ଏହି ପରିମାଣ ଦ୍ୱିଗୁରିତ ହେବ ବୋଲି ଶ୍ରୀ ରାମଗୁଲାମ ଆଶାବ୍ୟକ୍ତ କରିଛନ୍ତି । ମରିସସ୍‌କୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଯିବା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଭାରତ, ଆଫ୍ରିକା ଓ ମରିସସ୍ ମଧ୍ୟରେ ତ୍ରିପାକ୍ଷିକ ସହଯୋଗ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ସୁଦୃଢ଼ ହୋଇପାରିବ । ବିଭିନ୍ନ ବୈଶ୍ୱିକ ପରିସ୍ଥିତି ସତ୍ତ୍ୱେ ଭାରତ ଓ ମରିସସ୍ ମଧ୍ୟରେ ଥିବା ସମ୍ପର୍କ କ୍ରମଶଃ ସଶକ୍ତ ହେବାରେ ଲାଗିଛି ବୋଲି ଶ୍ରୀ ରାମଗୁଲାମ୍ ମତବ୍ୟକ୍ତ କରିଛନ୍ତି ।

## ପିଏମ୍-ନରୱେ ଇଲେକ୍‌ସନ୍

ଜୋନାସ୍ ଗର୍ ଷ୍ଟୋର୍ ନରୱେର ପ୍ରଧାନମନ୍ତ୍ରୀ ରୂପେ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାରତ-

ନରୱେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଶ୍ରୀ ଷ୍ଟୋର୍‌ଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ମୋଦୀ ଆଗ୍ରହୀ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଫରେନ୍ ସେକ୍ରେଟେରୀ-ୟୁଏଇ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ନୂଆଦିଲ୍ଲୀଠାରେ ସଂଯୁକ୍ତ ଆରବ ଏମିରେଟସ୍‌ର ଆନ୍ତର୍ଜାତିକ ସହଯୋଗ ରାଷ୍ଟ୍ର ମନ୍ତ୍ରୀ ରିମ୍ ଆଲ୍ ହାସିମିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ବିଶେଷ କରି ରାଜନୈତିକ, ବ୍ୟବସାୟ ଓ ପୁଞ୍ଜିନିବେଶ, ଶକ୍ତି, ପ୍ରତିରକ୍ଷା, ସୁରକ୍ଷା, ଶିକ୍ଷା, ସଂସ୍କୃତି ଓ ଜନସମ୍ପର୍କ ସମେତ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଆଦି ପ୍ରସଙ୍ଗ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ଭାରତ-ୟୁଏଇ ସମନ୍ୱିତ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ଅବସରରେ ସମୀକ୍ଷା କରାଯାଇଛି । ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ଉଭୟ ମତ ବିନିମୟ କରିଛନ୍ତି । ଭାରତ-ୟୁଏଇ ମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ବାଣିଜ୍ୟ କାରବାର ୧୦୦ ବିଲିୟନ୍ ଡଲାର୍‌ରୁ ଊର୍ଦ୍ଧ୍ୱ ପରିମାଣର ହୋଇଥିବା ଏହି ବୈଠକରୁ ସୂଚନା ମିଳିଛି ।

# ଏମ୍‌ଇଏ-ଇୟୁ ଇଣ୍ଡିଆ

ଭାରତ-ୟୁରୋପୀୟ ସଂଘ ଆତଙ୍କବାଦ ନିରୋଧି ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀର ପଞ୍ଚଦଶତମ ବୈଠକ ବ୍ରୁସେଲ୍ସ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ନିରୋଧି ବିଭାଗର ଯୁଗ୍ମ ସଚିବ କେ.ଡି. ଦେଓ୍ୱାଲ୍ ଏବଂ ୟୁରୋପୀୟ ସଂଘର ପ୍ରତିରକ୍ଷା ଓ ସୁରକ୍ଷା ନୀତିର ନିର୍ଦ୍ଦେଶକ ମ୍ୟାକିଜ୍ ଷ୍ଟାଡେଜେକ୍ ଏହି ବୈଠକରେ ସହ ଅଧ୍ୟକ୍ଷତା କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଉଭୟ ପକ୍ଷ ଗତ ଏପ୍ରିଲ୍ ୨୨ରେ ହୋଇଥିବା ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏଥିରେ ନିରିହ ନାଗରିକଙ୍କର ଜୀବନହାନୀ ହୋଇଥିବାରୁ ୟୁରୋପୀୟ ସଂଘ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି । ସମସ୍ତ ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ, ଏଥିଲାଗି ପାଣ୍ଠି ଯୋଗାଣ ଏବଂ ସୀମାପାର୍ ଆତଙ୍କବାଦକୁ ପ୍ରତିହତ କରିବା ଦିଗରେ ଉଭୟ ପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ବୋଲି ଏହି ବିବୃତ୍ତିରେ କୁହାଯାଇଛି ।

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା ।** ଗତବର୍ଷଠାରୁ ଆସନ୍ତାବର୍ଷ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ଆଧାରକରି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ -ହୁ ଏବଂ ଆନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ପକ୍ଷରୁ ୩ବର୍ଷ ପାଇଁ ଅଭିଯାନ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୩ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

ଛାତ୍ର ଆତ୍ମହତ୍ୟା ଘଟଣାକୁ ମୁକାବିଲା କରିବା ତଥା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଜନସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀ ଏମସ୍ ପକ୍ଷରୁ 'ନେଭର୍ ଆଲୋନ୍' ନାମକ ଏକ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରାଯାଇଛି । ହ୍ୱାଟସ୍ ଆପ୍ ମାଧ୍ୟମରେ ଉପଲବ୍ଧ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ଯେକୌଣସି ସମୟରେ ଭର୍ଚୁଆଲ୍ ଏବଂ ଅଫ୍ ଲାଇନ୍ ପରାମର୍ଶ ପ୍ରଦାନ କରାଯିବାର ସୁବିଧା ରହିଛି ।

# ଫ୍ରାନ୍ସ ପ୍ରୋଟେଷ୍ଟ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏବଂ ତାଙ୍କ ସରକାରଙ୍କ ବିରୁଦ୍ଧରେ ଆଜି ସେଠାରେ ଦେଶ ବ୍ୟାପି ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି । ଗତକାଲି ସେବାଷ୍ଟିନ୍ ଲେକୋର୍ଣ୍ଣଙ୍କୁ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି କରିବା ପରଠାରୁ ଏହି ପ୍ରତିବାଦ ଆରମ୍ଭ ହୋଇଛି । ହଜାର ହଜାର ଲୋକ ରାଜପଥରେ 'ବ୍ଲକ୍ ଏଭ୍ରିଥିଂ' ଅଭିଯାନ ସମ୍ପର୍କିତ ବ୍ୟାନର ଧରି ପ୍ରତିବାଦ କରୁଥିବା ବେଳେ ୨୦୦ରୁ ଅଧିକ ଲୋକଙ୍କୁ ଗିରଫ୍ କରାଯାଇଛି । ବିକ୍ଷୋଭକାରୀଙ୍କୁ ଦମନ କରିବା ଲାଗି ମାକ୍ରନ୍ ସରକାରଙ୍କ ପକ୍ଷରୁ ଅତିରିକ୍ତ ୮୦ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି ।

# କ୍ରିକେଟ୍

ଏସିଆ କପ୍ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତଦଶ ସଂସ୍କରଣରେ ଆଜି ଭାରତ ତା'ର ଅଭିଯାନ ଆରମ୍ଭ କରିବ । ରାତି ୮ଟାରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଆୟୋଜକ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଭାରତ ପ୍ରଥମ ମ୍ୟାଚ୍ ଖେଳିବ । ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ' ହଂକଂକୁ ୯୪ରନ୍‌ରେ ପରାସ୍ତ କରିଛି । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିବା ଲାଗି ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ।